# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**18 September – 2025**

**News Editor : Satya Narayan Pattanaik**

*********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ

— ପରଲୋକଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦିନକ ପାଇଁ ଗୃହ ମୁଲତବୀ

- ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ନେଇ ବିଧାନସଭା ସଚିବଙ୍କୁ ଚିଠି ପ୍ରଦାନ କଲା କଂଗ୍ରେସ

- ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ୬୦ ବର୍ଷ ବୟସ ପରେ ସୁଭଦ୍ରା ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀ

ଏବଂ

- ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ୍ ରହିଛି; କହିଲେ ଯୋଗାଣ ମନ୍ତ୍ରୀ

## ବିଧାନସଭା-ମୁଲତବୀ

ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଆଜି ଆରମ୍ଭ ହୋଇଛି। ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପରଲୋକଗତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣମାଝୀ ପରଲୋକଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକପ୍ରସ୍ତାବ ଆଗତ କରିଥିଲେ। ସେମାନଙ୍କ ମଧ୍ୟରେ ଗୃହର ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ପୂର୍ବତନ ଉପବାଚସ୍ପତି ଓ ରାଷ୍ଟ୍ରମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ପୂର୍ବତନ ସଦସ୍ୟ ପ୍ରସନ୍ନ କୁମାର ପଟ୍ଟନାୟକ, କରେନ୍ଦ୍ର ମାଝୀ, ନିରଞ୍ଜନ ହେମ୍ବ୍ରମ, ପ୍ରଫୁଲ୍ଲ କୁମାର ଭଞ୍ଜ, ମହମ୍ମଦ ରଫୀ, ପୂର୍ବତନ ଓଏପିଏଫ୍ ଲୋକନାଥ ଶବର ଏବଂ ପୂର୍ବତନ କନ୍‌ଷ୍ଟେବଲ ଲକ୍ଷ୍ମଣ ମାଝୀଙ୍କ ଉଦ୍ଦେଶ୍ୟରେ ଏହି ଶୋକପ୍ରସ୍ତାବ ଆଗତ ହୋଇଥିଲା। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାଚସ୍ପତି ସୁରମା ପାଢ଼ୀଙ୍କ ଅନୁରୋଧ କ୍ରମେ ଗୃହରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ। ଏଥିରେ ୭ଟି କାର୍ଯ୍ୟଦିବସ ରହିଛି।

## ଅନାସ୍ଥା ପ୍ରସ୍ତାବ

ରାଜ୍ୟ ସରକାରଙ୍କ ବିରୋଧରେ ଆଜି କଂଗ୍ରେସ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ୧୫ ଜଣ ବିଧାୟକଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ଚିଠି ବିଧାନସଭା ସଚିବଙ୍କ ମାଧ୍ୟମରେ ବାଚସ୍ପତିଙ୍କୁ ପ୍ରଦାନ କରାଯାଇଛି। କଂଗ୍ରେସର ୧୪ ଜଣ ବିଧାୟକଙ୍କ ସହ ସିପିଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ଏଥିରେ ଦସ୍ତଖତ କରିଛନ୍ତି। ତେବେ ଏହି ପ୍ରସ୍ତାବ ସମ୍ପର୍କରେ ବାଚସ୍ପତି କିମ୍ବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଅନ୍ୟପକ୍ଷରେ, ଅନାସ୍ଥା ପ୍ରସ୍ତାବର କୌଣସି ପ୍ରଭାବ ସରକାରଙ୍କ ଉପରେ ପଡିବ ନାହିଁ ବୋଲି ଶାସକ ଦଳର ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି।

## ବିଧାନସଭା-ଚାରାରୋପଣ

'ଏକ ପେଡ ମା'କେ ନାମ୍' ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଅଧୀନରେ ଆଜି ବିଧାନସଭା ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଏବଂ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ତଥା ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ମାଗଣା ବସ୍ ସେବା-ଛାତ୍ର

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ଅଧୀନରେ ସରକାରୀ ବସ୍‌ରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଦେୟମୁକ୍ତ ଗମନାଗମନ କରିପାରିବେ। ତେବେ ଏହି ସୁବିଧା ହାସଲ ପାଇଁ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ପୋଷାକ ପରିଧାନ କିମ୍ବା ସ୍କୁଲ ଆଇକାର୍ଡ ଦେଖାଇବାକୁ ପଡିବ। ଗଣଶିକ୍ଷା ବିଭାଗ ପକ୍ଷରୁ ଗତକାଲି ଏ ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

କହିଛନ୍ତି, ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସେଥିମଧ୍ୟରେ ମଧ୍ୟାହ୍ନ ଭୋଜନ, ବିଦ୍ୟାଳୟ ପୋଷାକ, ପାଠ୍ୟପୁସ୍ତକ ଆଦି ଅନ୍ତର୍ଭୁକ୍ତ ରହିଛି। ସମସ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଛାତ୍ରଛାତ୍ରୀଙ୍କ ଦେୟମୁକ୍ତ ବିଦ୍ୟାଳୟ ଯିବା ଆସିବାକୁ ସୁନିଶ୍ଚିତ କରିବା ପାଇଁ ଆଂଚଳିକ ପରିବହନ କାର୍ଯ୍ୟାଳୟ ସହ ସମନ୍ୱୟ ରକ୍ଷା କରି ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

## ଦୁର୍ଗାପୂଜା

ଚଳିତବର୍ଷ ଦୁର୍ଗାପୂଜା ଅବସରରେ ପ୍ରାଚୀନ ଦୁର୍ଗା ମେଢ଼ଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଏ ସମ୍ପର୍କରେ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଛି। ପ୍ରତ୍ୟେକ ଜିଲ୍ଲାର ପ୍ରାଚୀନ ମେଢ଼ଗୁଡ଼ିକର ଏକ ବିବରଣୀ ପ୍ରସ୍ତୁତ କରି ଦୁଇଦିନ ମଧ୍ୟରେ ଦାଖଲ କରିବାକୁ କୁହାଯାଇଛି। ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ମେଢ଼ ନଥିବା ଜିଲ୍ଲାଗୁଡ଼ିକରେ ସର୍ବପୁରାତନ ୨ଟି ମେଢ଼ର ବିବରଣୀ ଦାଖଲ କରିବାକୁ ସଂସ୍କୃତି ବିଭାଗ ଚିଠିରେ ଉଲ୍ଲେଖ କରିଛନ୍ତି।

## ସୁଭଦ୍ରା-ପେନ୍‌ସନ୍

ସୁଭଦ୍ରା ଯୋଜନାରୁ ଷାଠିଏ ବର୍ଷ ପରେ ବାଦ୍ ପଡିଥିବା ହିତାଧିକାରୀମାନେ ବାର୍ଦ୍ଧକ୍ୟ ପେନ୍‌ସନ୍ ପାଇଁ ଆବେଦନ କରିପାରିବେ। ମଧୁବାବୁ ପେନ୍‌ସନ୍ ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ଏହି ବାଦ୍ ପଡିଥିବା ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ ବୋଲି

ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ କୁହାଯାଇଛି। ଭୁବନେଶ୍ୱରଠାରେ ସୁଭଦ୍ରା ସମ୍ପର୍କିତ ପ୍ରଥମ ରାଜ୍ୟସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି ବୈଠକ ପରେ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

୬୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀମାନେ ଯେକୌଣସି ସାମାଜିକ ସୁରକ୍ଷା ପେନସନ୍ ପାଇଁ ଆବେଦନ କରିପାରିବେ। ତେବେ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ହିତାଧିକାରୀ ଏହି ସୁଯୋଗ ହାସଲ କରିପାରିବେ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କ ତୁଳନାରେ ଅଧିକ ବୟସ୍କ ଏବଂ ଆବଶ୍ୟକତା ଥିବା ଆବେଦନକାରୀଙ୍କୁ ପ୍ରାଥମିକତା ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଜିଏସ୍‌ଟି ସଂସ୍କାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲ୍ଲା ପ୍ରାଚୀରରୁ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ନେଇ ଘୋଷଣା କରିଥିଲେ।  ଜିଏସଟି ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ଜିଏସଟି ସଂସ୍କାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନାଗରିକଙ୍କ ଜୀବନକୁ ସରଳ ଏବଂ ସହଜ କରିବା ଲକ୍ଷ୍ୟ ନେଇ ଅନେକ କ୍ଷେତ୍ରରେ ଟିକସ ହାର ହ୍ରାସ ପାଇଁ ନିଷ୍ପତ୍ତି ହୋଇଛି । ସାଧାରଣ ଲୋକଙ୍କ ପାଇଁ ପରିବେଶ ଅନୁକୁଳ ପରିବହନକୁ ସୁଲଭ କରିବା ଲକ୍ଷ୍ୟ ନେଇ ସାଇକେଲ ଶିଳ୍ପ କ୍ଷେତ୍ରରେ ଜିଏସଟି ହାର ହ୍ରାସ କରାଯାଇଛି। ସାଇକେଲ ଉପରେ

ରହିଥିବା ୧୨ ପ୍ରତିଶତ ଜିଏସ୍‌ଟି ହାର ୫ ପ୍ରତିଶତକୁ ହ୍ରାସ କରାଯାଇଛି। ସେହିଭଳି ସାଇକେଲ ଯନ୍ତ୍ରାଂଶ ଉପରେ ମଧ୍ୟ ଜିଏସ୍‌ଟି ୧୨ରୁ ହ୍ରାସ ପାଇ ୫ ପ୍ରତିଶତ ହୋଇଛି। ଏଭଳି ନିଷ୍ପତ୍ତି ଦ୍ୱାରା ସାଇକେଲ ବ୍ୟବହାର ବୃଦ୍ଧି ପାଇବା ସହ ଏ କ୍ଷେତ୍ରରେ ଉତ୍ପାଦ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ପରିବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଆସନ୍ତା ୨୨ ତାରିଖରୁ କାର୍ଯ୍ୟକାରୀ ହେବ ।

## ସେବା ପର୍ବ– ସୁଶାସନ

## Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଦେଶର କୃଷି କ୍ଷେତ୍ରକୁ ଏକ ଅଗ୍ରଣୀ କ୍ଷେତ୍ର ଭାବେ ବିକଶିତ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ଆସନ୍ତୁ ଶୁଣିବା ଏକ ରିପୋର୍ଟ...

କୃଷି ହେଉଛି ଭାରତର ଅର୍ଥନୀତି ଓ ସଂସ୍କୃତିର ମେରୁଦଣ୍ଡ। ଲକ୍ଷାଧିକ ପରିବାର କୃଷି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିବା ସହ ଏକ ଜାତିର ପରିଚୟକୁ ପରିଭାସିତ କରିଚାଲିଛନ୍ତି। ଭାରତ ଅମୃତ କାଳରେ ପ୍ରବେଶ କରିବା ସହ ଦେଶର ଚାଷୀ ଭାଇଭଉଣୀମାନେ ନିଜେ ସ୍ୱାବଲମ୍ବୀ

ହେବା ସହ ଖାଦ୍ୟ ଉତ୍ପାଦନରେ ନେତୃତ୍ୱ ନେବାପାଇଁ ପ୍ରସ୍ତୁତ ଅଛନ୍ତି। ଏହାକୁ ଆଉ ପାଦେ ଆଗକୁ ବଢ଼ାଇବା ଲାଗି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କୃଷିକ୍ଷେତ୍ରର ବିକାଶ ଏବଂ ଏହାର ସହଯୋଗୀ କ୍ଷେତ୍ରଗୁଡିକୁ ପ୍ରାଧାନ୍ୟ ଦିଆଯାଉଛି। ଫଳରେ ଗ୍ରାମୀଣ ପରିବାରଗୁଡ଼ିକ ପାଇଁ ଆୟ ଏବଂ ସ୍ଥାୟୀତ୍ୱର ନୂଆ ବାଟ ଫିଟିଛି।

ଗତ ୧୧ ବର୍ଷ ମଧ୍ୟରେ କୃଷି ମନ୍ତ୍ରଣାଳୟର ବଜେଟ୍ ପ୍ରାୟ ୨୨ ହଜାର କୋଟି ଟଙ୍କା ବୃଦ୍ଧି ପାଇ ୧ ଲକ୍ଷ ୩୭ ହଜାର କୋଟିରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ଲାଲକିଲ୍ଲାର ପ୍ରାଚୀରରୁ ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ, ଭାରତର ଚାଷୀମାନେ ସରକାରଙ୍କ ସବୁଠାରୁ ବଡ଼ ପ୍ରାଥମିକତା ଏବଂ କୃଷକଙ୍କ ସ୍ୱାର୍ଥ ସହିତ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ।

**- V/O -(PM)**

କୃଷକ ଏବଂ ସେମାନଙ୍କ ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଆରମ୍ଭ କରିଛନ୍ତି। ଚାଷୀଙ୍କ ଆର୍ଥିକ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ପାଇଁ ସୁଲଭ ଏବଂ ସହଜ ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା କୃଷିକ୍ଷେତ୍ର ଅଧିକ ପ୍ରୋତ୍ସାହିତ ହେଉଛି।

আকাশবাণী সম্বাদ বিভাগ পাইঁ মুঁ স্মৃতিরেখা তারেণিআ

# Seba Parba Closing

## ବିଶ୍ୱ ବାଉଁଶ ଦିବସ

ପ୍ରକୃତି ପାଇଁ ବାଉଁଶର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଆଜି **ବିଶ୍ୱ ବାଉଁଶ ଦିବସ** ପାଳନ କରାଯାଉଛି । ୨୦୦୯ ମସିହାରେ ପ୍ରଥମଥର ପାଇଁ ବାଉଁଶ ଦିବସ ପାଳନ କରାଯାଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପରବର୍ତ୍ତୀ ପୀଢ଼ି ପାଇଁ ସମାଧାନ, ନବସୃଜନ ଏବଂ ରୂପରେଖ ପ୍ରସ୍ତୁତିରେ ବାଉଁଶ' । ବାଉଁଶ କାରିଗରଙ୍କୁ ସ୍ୱାବଲମ୍ବୀ କରିବା ତଥା ଏ କ୍ଷେତ୍ରରେ ଜୀବନ ଜୀବିକା ବୃଦ୍ଧି କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ବାଉଁଶ ମିଶନ କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ଅଧୀନରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରିଥାନ୍ତି। ଦୈନ୍ୟନ୍ଦିନ ଜୀବନରେ ବାଉଁଶର ଆବଶ୍ୟକତା ଏବଂ ଏହାର ଚାଷ ନେଇ ଜନସଚେତନତା ବୃଦ୍ଧି କରିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ବାଉଁଶର ଗୁରୁତ୍ୱକୁ ଉପଲବ୍ଧି କରି କେନ୍ଦ୍ର ସରକାର ଭାରତୀୟ ଜଙ୍ଗଲ ଆଇନ୍‌ର ସଂଶୋଧନ ମାଧ୍ୟମରେ ବାଉଁଶକୁ ବୃକ୍ଷ ବର୍ଗରୁ ବାଦ୍ ଦେଇଥିଲେ। ଫଳରେ ବାଉଁଶ ଚାଷ ଏବଂ ଏହାର ବ୍ୟବସାୟ ନେଇ ପଥ ସୁଗମ ହୋଇଥିଲା। ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବାୟୁମଣ୍ଡଳକୁ ସ୍ୱଚ୍ଛ ରଖିବା, ଅଙ୍ଗାରକାମ୍ଳ, ଅବଶୋଷଣ ଏବଂ ଅମ୍ଳଜାନ ସୃଷ୍ଟି କରିବାରେ ବାଉଁଶ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଗ୍ରହଣ କରିଥାଏ। ସ୍ଥିରତା ଏବଂ ସବୁଜ ଜୀବନର ପ୍ରତୀକ ଭାବେ ବାଉଁଶକୁ ଗ୍ରହଣ କରାଯାଇଥାଏ।